# ଟିପିସିଓଡିଏଲ୍

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍
(ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟୋଗ)

# ଗ୍ରାହକ ପୁସ୍ତିକା

# ସ୍ମାର୍ଟ ମିଟର

# ସୂଚୀପତ୍ର


- ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବେ କାହିଁକି?
- ସ୍ମାର୍ଟ ପ୍ରିପେଡ୍ ମିଟର ସୁବିଧା
- ବିଲ ପୈଠ କରିବା ପାଇଁ ବିଭିନ୍ନ ବିକଳ୍ପ

## ପ୍ରିପେଡ଼ ସ୍ମାର୍ଟ ମିଟର ଲଗାଇବେ କାହିଁକି?

- ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସ୍ମାର୍ଟ ପ୍ରିପେଡ଼ ମିଟର ସ୍ଥାପନ ନିମନ୍ତେ ଅଧ୍ୟାଦେଶ ଜାରି କରାଯାଇଛି ।
- ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଯୋଗାଣର ସର୍ତ୍ତ) ସଂହିତା, ୨୦୧୯ ରେ ଦର୍ଶାଯାଇଛି, ''ଲାଇସେନ୍ସ ଧାରୀ/ ଯୋଗାଣକାରୀ ତିନିବର୍ଷ ମଧ୍ୟରେ ଉପଲବ୍ଧତା ଅନୁଯାୟୀ ପ୍ରି-ପେଡ଼/ ସ୍ମାର୍ଟ / ପ୍ରି-ପେଡ଼ ସ୍ମାର୍ଟ ମିଟର ମାନ ବସାଇବେ ।''
- ଏଥିରେ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ବିଦ୍ୟୁତ ବିଲ ପ୍ରସ୍ତୁତି ଏବଂ ସହଜସାଧ୍ୟ ବିଦ୍ୟୁତ ଦେୟ ପୈଠ ।

ଶାସନ। ଦେଶ (Order) ପରେ, ଟିପିସିଓଡିଏଲ ସମସ୍ତ ଗ୍ରାହକ ବର୍ଗ ପାଇଁ ସ୍ମାର୍ଟ ପ୍ରିପେଡ଼ ମିଟର ସ୍ଥାପନ ନିମନ୍ତେ ପ୍ରୟାସ ଜାରି ରଖିଛି । ସାଧାରଣ ମିଟର ଲାଗିଥିବା ସ୍ଥାନରେ ନୂତନ ସ୍ମାର୍ଟ ମିଟର ସ୍ଥାପନର ଅଭିଯାନ ବର୍ତ୍ତମାନ ଚାଲୁଅଛି । ଏହି ମିଟର ଅନ୍ୟ ପ୍ରିପେଡ଼ ସଂଯୋଜନା ଭଳି କାର୍ଯ୍ୟ କରିବ । ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ଏଥିରେ ଗ୍ରାହକଙ୍କୁ ସବୁବେଳେ ବାଲାନ୍ସ ରଖିବାକୁ ପଡିବ । ଜମା ରାଶି ଶେଷ ହେଲେ ପୁଣି ରିଚାର୍ଜ କରିବାକୁ ହେବ ।

## ସ୍ମାର୍ଟ ପ୍ରିପେଡ଼ ମିଟର ସୁବିଧା

ବିଦ୍ୟୁତ ଗ୍ରାହକ ମାନେ ସ୍ମାର୍ଟ ପ୍ରିପେଡ଼ ମିଟର ସ୍ଥାପନ ପରେ ନିମ୍ନଲିଖିତ ସୁବିଧା ପାଇ ପାରିବେ:

- ଦେୟ ପୈଠ (ରିଚାର୍ଜ) ସମୟରେ ୨% ତୁରନ୍ତ ରିହାତି ।
- ପ୍ରତ୍ୟେକ ମାସରେ ମିଟର ରିଡିଂ / ବିଦ୍ୟୁତ ଦେୟ ସଂଗ୍ରହ କରିବାକୁ ଆସୁଥିବା ବ୍ୟକ୍ତି ଆସିବେ ନାହିଁ ତେଣୁ ଆପଣଙ୍କର କୋଣସି ବିରକ୍ତି ଭାବି ସୃଷ୍ଟି ହେବ ନାହିଁ
- ବିଦ୍ୟୁତ ବିଭ୍ରାଟ ଦେଖାଦେଲେ, ଉକ୍ତ ମିଟର ସ୍ୱୟଂକ୍ରିୟ ଭାବେ ବିଦ୍ୟୁତ ବିତରଣକାରୀ ସଂସ୍ଥା (ଟିପିସିଓଡିଏଲ)କୁ ସୂଚନା ପ୍ରଦାନ କରିବ ଯଦ୍ୱାରା ବିତରଣକାରୀ ସଂସ୍ଥା କର୍ମଚାରୀ ତୁରନ୍ତ ସମସ୍ୟାର ସମାଧାନ କରି ପୁନଃ ବିଦ୍ୟୁତ ସେବା ଯୋଗାଇଦେବେ ।
- ପ୍ରତ୍ୟେକ ଦିନ କେତେ ପରିମାଣର ବିଦ୍ୟୁତ ଖର୍ଚ୍ଚ ହେଉଛି ତାହା ଜାଣି ହେବ ଏବଂ ବିଦ୍ୟୁତ ବିଲ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯାଇପାରିବ ।
- ଅନଲାଇନ ମାଧ୍ୟମରେ ଉପଭୋକ୍ତାମାନେ ସାମ୍ପ୍ରତିକ ଜମାରାଶି ଏବଂ ଦୈନିକ ଖର୍ଚ୍ଚ ଯାଞ୍ଚ କରିପାରିବେ ।

## ଦୈନିକ ବିଦ୍ୟୁତ ଶକ୍ତି ବ୍ୟବହାର ଯାଞ୍ଚ:

ସ୍ମାର୍ଟ ପ୍ରିପେଡ଼ ମିଟର ଗ୍ରାହକ ମାନେ ବର୍ତ୍ତମାନ ଟିପିସିଓଡିଏଲର ମିତ୍ର ଆପ ବ୍ୟବହାର କରି ସ୍ମାର୍ଟ ମିଟର ଟ୍ୟାବ ଅଧୀନରେ ସେମାନଙ୍କର ଦୈନିକ ବିଦ୍ୟୁତ ବ୍ୟବହାର ଯାଞ୍ଚ କରିପାରିବେ । ଏହା ଦ୍ୱାରା ବିଦ୍ୟୁତ ବ୍ୟବହାର ୟୁନିଟ ଆକାରରେ ଏବଂ ଖର୍ଚ୍ଚ ଟଙ୍କା ଅନୁସାରେ ମଧ୍ୟ ଯାଞ୍ଚ କରିହେବ ।

## ଗ୍ରାହକମାନେ ନିମ୍ନଲିଖିତ ପଦକ୍ଷେପ ଅନୁସରଣ କରି ଆପର ସୁବିଧା ବ୍ୟବହାର କରିପାରିବେ:

- ଗୁଗୁଲ ପ୍ଲେଷ୍ଟୋରରୁ ଟିପିସିଓଡିଏଲର ମିତ୍ର ଆପ ଡାଉନଲୋଡ଼ କରନ୍ତୁ ଏବଂ ସଂସ୍ଥାପନ କରନ୍ତୁ ।
- ଉପଭୋକ୍ତାମାନେ ନିଜର ଗ୍ରାହକ କ୍ରମିକ ନମ୍ବର (CA NUMBER) କିମ୍ବା ପଂଜିକୃତ ମୋବାଇଲ ନମ୍ବର ବ୍ୟବହାର କରି ଲଗଇନ କରନ୍ତୁ ।
- ଲଗଇନ କରିବା ପରେ ସ୍ମାର୍ଟ ମିଟର ଟ୍ୟାବ ଉପରେ କ୍ଲିକ କରନ୍ତୁ ।
- ବିଗତ ଏକମାସର ଦୈନିକ ମିଟର ରିଡିଂ ଏବଂ ବିଦ୍ୟୁତ ଖର୍ଚ୍ଚ ଯାଞ୍ଚ କରନ୍ତୁ
- ବିଗତ ଏକ ମାସର ଦୈନିକ ବ୍ୟବହାର ଗ୍ରାଫ ଦେଖନ୍ତୁ ।




ଓପନ୍ ଉପରେ ଟ୍ୟାପ କରନ୍ତୁ ଏବଂ ଇଂସ୍ଟଲ କରିବା ପାଇଁ କ୍ଲିକ୍ କରନ୍ତୁ




ସି.ଏ.ନମ୍ବର/ ଉପଭୋକ୍ତା ବିଜ୍ଞଟ ସଂଖ୍ୟା ଦ୍ୱାରା ଟି.ପି.ସି.ଓ.ଡ଼ି.ଏଲ. ମିତ୍ରା ଆପ୍‌ରେ ଲଗ ଇନ୍ କରନ୍ତୁ

ପେ ନାଓ' (ବର୍ତ୍ତମାନ ଦେୟ ପଇଠକରନ୍ତୁ) ଉପରେ କ୍ଲିକ୍ କରନ୍ତୁ ଏବଂ କେତେ ଅର୍ଥ ଦେବାର ଅଛି ସେକଥା ଯାଞ୍ଚ କରନ୍ତ




ଦେୟ ପଇଠ କରିବାର ସାଧନ ବାଛନ୍ତୁ ଏବଂ ଦେୟ ପଇଠ କରନ୍ତୁ




| DATE | REGISTER CODE | METER READING | CONSUMPTION (KWH / KVAH) |
|---|---|---|---|
| 31-05-2022 | CKWH | 226.0 | 18.0 |
| 01-06-2022 | CKWH | 244.0 | 12.0 |
| 02-06-2022 | CKWH | 256.0 | 17.0 |
| 03-06-2022 | CKWH | 273.0 | 19.0 |
| 04-06-2022 | CKWH | 292.0 | 15.0 |
| 05-06-2022 | CKWH | 307.0 | 18.0 |

ଶେଷ ମାସକ ପାଇଁ ଦୈନିକ ମିଟର ରିଡ଼ିଂ ଓ ବିଦ୍ୟୁତ ଖର୍ଚ୍ଚ




ଶେଷ ମାସକ ପାଇଁ ଦୈନିକ ମିଟର ରିଡ଼ିଂ ଓ ବିଦ୍ୟୁତ୍ ଖର୍ଚ୍ଚ

## ତୁରନ୍ତ ବଳକା ରାଶି ଯାଞ୍ଚ

ଗ୍ରାହକ ମାନେ ଟିପିସିଓଡିଏଲ ମିତ୍ର ଆପ ବ୍ୟବହାର କରି ସ୍ମାର୍ଟ ମିଟର ଟ୍ୟାବ ଅଧୀନରେ ଯେକୌଣସି ସମୟରେ ସାମ୍ପ୍ରତିକ ବଳକା ରାଶି ସମ୍ବନ୍ଧରେ ଯାଞ୍ଚ କରିପାରିବେ । ଗ୍ରାହକ ମାନେ ଟିପିସିଓଡିଏଲ ୱେବ ସାଇଟ www.tpcentralodisha.com ତଥା ନିଜ ମୋବାଇଲ ମାଧ୍ୟମରେ ମଧ୍ୟ ଏହି ସୂଚନା ଦେଖିପାରିବେ । ଉପଭୋକ୍ତା ମାନେ ନିଜର ଆକାଉଣ୍ଟ ନମ୍ବର ବ୍ୟବହାର କରି ଉପଭୋକ୍ତା ପୋର୍ଟାଲକୁ ଲଗଇନ କରିବା ପରେ ସ୍ମାର୍ଟ ମିଟର ମେନ୍ୟୁରେ କ୍ଲିକ କରି ବିସ୍ତୃତ ବିବରଣୀ ଦେଖିପାରିବେ ।




ସାମ୍ପ୍ରତିକ ସନ୍ତୁଳନ ଏବଂ ଗ୍ରାହକ ବିବରଣୀ ।

## ଅନଲାଇନରେ ବିଦ୍ୟୁତ ବିଲ



ସ୍ମାର୍ଟ ପ୍ରିପେଡ଼ ମିଟର ଗ୍ରାହକ ମାନେ ସେମାନଙ୍କ ବିଦ୍ୟୁତ ବିଲ ଅନଲାଇନରେ ପାଇପାରିବେ । କୌଣସି ମିଟର ରିଡର ଘରକୁ ଆସି ଆପଣଙ୍କୁ ହଇରାଣ କରିବ ନାହିଁ । ଏହା ଛଡା ଗ୍ରାହକ ମାନେ ହ୍ୱାଟସ ଆପ ମାଧ୍ୟମରେ ବିଲ ପାଇବାର ବିକଳ୍ପ ମଧ୍ୟ ଚୟନ କରିପାରିବେ ।

## ରିଚାର୍ଜ ଅର୍ଥର ଆକଳନ

ରିଚାର୍ଜ ଅର୍ଥ ଆକଳନ ନିମନ୍ତେ ଉପଭୋକ୍ତା ମାନଙ୍କୁ ବିଲ ସହିତ ଏକ ସ୍ୱତନ୍ତ୍ର ପୃଷ୍ଠାରେ ସୂଚନା ମଧ୍ୟ ଦିଆଯାଏ ଯାହା ତାଙ୍କର ବିଦ୍ୟୁତ ବ୍ୟବହାର ଶୈଳୀ ଉପରେ ଆଧାର କରି ଆସନ୍ତା ମାସ ପାଇଁ ଆବଶ୍ୟକୀୟ ଆନୁମାନିକ ରିଚାର୍ଜ ମୂଲ୍ୟ ମଧ୍ୟ ଦର୍ଶାଯାଇଥାଏ ।

## ବିଦ୍ୟୁତ ସେବା ବ୍ୟାହତ ହେଲେ ଏହାର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଟିପିସିଓଡିଏଲକୁ ସ୍ୱୟଂଚାଳିତ ଭାବେ ସୂଚନା ପ୍ରଦାନ

ବିତରଣ ଟ୍ରାନ୍ସଫର୍ମର କିମ୍ବା ଫିଡ଼ର ସ୍ତରରେ ବିଦ୍ୟୁତ ବିଭ୍ରାଟ ହେଲେ ଏହି ସୂଚନା ନିଯୁକ୍ତ କାର୍ଯ୍ୟରତ ଦଳ ନିକଟକୁ ଯାଇଥାଏ ଏବଂ ସେମାନେ ଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ କରି ଗ୍ରାହକ ମାନଙ୍କୁ ବିଦ୍ୟୁତ ସେବା ଯୋଗାଇଥାନ୍ତି । ଏହା ଗ୍ରାହକ ମାନଙ୍କ ଅଭିଜ୍ଞତାକୁ ସୁଦୃଢ କରିଥାଏ ।

## ବାଲାନ୍ସ କମିଗଲେ କିମ୍ବା ଅନ୍ୟ କାରଣ ପାଇଁ ତୁରନ୍ତ ସୂଚନା

- ବାଲାନ୍ସ କମିଗଲେ ତୁରନ୍ତ ଉପଭୋକ୍ତାମାନଙ୍କ ନିକଟକୁ ଏସ୍ ଏମ ଏସ୍ ବା ଇ-ମେଲ ଚାଲିଯାଏ, ଯାହାକି ତାଙ୍କୁ ରିଚାର୍ଜ କରିବା ପାଇଁ ପ୍ରେରିତ କରିଥାଏ ।
- ମିଟର ବଦଳାଯିବା ବେଳେ ମେସେଜ ପଠାଯାଏ ।
- ମିଟରର ରିଚାର୍ଜ ବେଳେ ମଧ୍ୟ ମେସେଜ ପଠାଯାଇଥାଏ ।

## ଅର୍ଥ ପଇଠ କରିବା ପାଇଁ ବିକଳ୍ପମାନ ଏବଂ ପ୍ରକ୍ରିୟା *

ଉପଭୋକ୍ତାମାନେ ସେମାନଙ୍କର ବାଲାନ୍ସ ରିଚାର୍ଜ କରିବା ପାଇଁ ଅନେକଗୁଡ଼ିଏ ବିକଳ୍ପ ରହିଛି ଯାହା ନିମ୍ନରେ ବର୍ଣ୍ଣନା କରାଯାଇଛି :-

୧ ତତକ୍ଷଣାତ୍ ଆକାଉଣ୍ଟରେ ବାଲାନ୍ସ ଜମା ପାଇଁ ଟି.ପି.ସି.ଓ.ଡ଼ି.ଏଲ.ରେ ନଗଦ ଅର୍ଥ ଏବଂ ଚେକ୍ ଆକାରରେ ଅର୍ଥ ପଇଠ କରାଯାଇ ପାରିବ ।

୨ ପେଟିଏମ୍, ଆମାଜନ ପେ, ଫୋନ ପେ, ଗୁଗୁଲ ପେ' ଇତ୍ୟାଦି ଅନଲାଇନ୍ ୱାଲେଟ ମାଧ୍ୟମରେ ଅନ୍‌ଲାଇନରେ ଦେୟ ପଇଠ କରିହେବ ।

୩ ଟି.ପି.ସି.ଓ.ଡ଼ି.ଏଲ ୱେବସାଇଟ (www.tpcentralodisha.com )ରେ ଓଡ଼ିଶା ୱାନ ଏବଂ ଟି.ପି.ସି.ଓ.ଡ଼ି.ଏଲ ମିତ୍ରା ଆପ ମାଧ୍ୟମରେ ଉପଭୋକ୍ତାମାନେ ସେମାନଙ୍କର ବାଲାନ୍ସ ରିଚାର୍ଜ କରିପାରିବେ |

୪ ନିମ୍ନ ତଥ୍ୟ ମୁତାବକ ଆର.ଟି.ଜି.ଏସ୍./ଏନ୍.ଇ. ଏଫ୍.ଟି. ଦ୍ୱାରା ଅର୍ଥ ଜମା କରାଯାଇ ପାରିବ

**ବ୍ୟାଙ୍କ ର ନାମ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆକାଉଣ୍ଟ ନମ୍ବର TPCODL (CA NUMBER)

| | | |
|---|---|---|
| IFSC | - | SBIN0004266 |
| ଶାଖା | - | Corporate accounts group branch |
| ଠିକଣା | - | Neville house, JN Heredia Marg, Ballad Estate, Fort, Mumbai-1 |

* ପେମେଣ୍ଟ ଅପଡେଟ୍ ବ୍ୟାଙ୍କ କ୍ଲିୟରାନ୍ସ ଅଧୀନରେ ଅଛି |




## ବିନା ପ୍ରତିବନ୍ଧକରେ ମିଟର ବଦଳ ଚୂଡାନ୍ତ ବିଲ ପ୍ରସ୍ତୁତି ଏବଂ ଜମାନତ ରାଶି ଫେରସ୍ତ

- ସ୍ମାର୍ଟ ପ୍ରିପେଡ ମିଟର ସଂଯୋଗ କରାଯିବ
- ପୁରୁଣା ମିଟର ବଦଳ ଏବଂ ଏହାର ଚୂଡାନ୍ତ ରିଡ଼ିଂ ରେକର୍ଡ କରାଯିବ
- ହଟାଇ ଦିଆଯାଉଥିବା ମିଟରର ରିଡ଼ିଂ ଅନୁଯାୟୀ ଚୂଡାନ୍ତ ବିଲ୍ ପ୍ରସ୍ତୁତି
- ଏହି ମିଟରର  ପ୍ରସ୍ତୁତ ଚୂଡାନ୍ତ ବିଲ ର ପ୍ରାପ୍ୟ ସିକ୍ୟୁରିଟି ଡିପୋଜିଟରୁ କାଟି ନିଆଯିବ
- ସିକ୍ୟୁରିଟି ଡ଼ିପୋଜିଟ ଓ ପୁରୁଣା ପ୍ରାପ୍ୟର ସମାୟୋଜନ (Settlement) ପରେ ଅତିରିକ୍ତ ଅର୍ଥ/ବକେୟା ଅର୍ଥକୁ ସ୍ମାର୍ଟ ପ୍ରିପେଡ଼ ଆକାଉଣ୍ଟ ବାବଦକୁ ଆଡଜଷ୍ଟ କରିଦିଆଯିବ

# ଟିପିସିଓଡିଏଲ୍

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍
(ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟୋଗ)

**ଅଭିଯୋଗ/ପ୍ରଶ୍ନ ଅନୁରୋଧ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ**

**କଲ ସେଣ୍ଟର ନମ୍ବର ୧୯୧୨/ ୧୮୦୦ ୩୪୫ ୭୧୨୨**
**ଟି.ପି.ସି.ଓ.ଡ଼ି.ଏଲ. ଗ୍ରାହକ ସେବା କେନ୍ଦ୍ର ଏବଂ କାର୍ଯ୍ୟାଳୟ**
**ୱେବସାଇଟ : www. tpcentralodisha.com**
**ମୋବାଇଲ ଆପ : ଟି.ପି.ସି.ଓ.ଡ଼ି.ଏଲ ମିତ୍ରା ଆପ**